SAMBAD
ସମ୍ବାଦ
PRINTED AT BHUBANESWAR | BALASORE | JEYPORE | BARGARH
Vol. XXXIX | ISSUE 160 | ବର୍ଷ ୩୯ | ସଂଖ୍ୟା ୧୬୦
Bhubaneswar | Thursday 23 March 2023 | Page 18 ₹ 7.00
ଭୁବନେଶ୍ୱର | ଗୁରୁବାର ୨୩ ମାର୍ଚ୍ଚ ୨୦୨୩ | ୧୮ ପୃଷ୍ଠା, ମୂଲ୍ୟ ୭ ଟଙ୍କା
BHUBANESWAR

## ସମ୍ବାଦ ଡିଜିଟାଲ ପକ୍ଷରୁ ବିଶ୍ୱ ଜଳ ଦିବସ

# 'ପାଣି, ଗଛ, ଜଙ୍ଗଲର ସୁରକ୍ଷା ପାଇଁ ଅନ୍ୟମନସ୍କ ହେବାକୁ ପଡ଼ିବ'




ଭୁବନେଶ୍ୱର, ୨୨/୩ (ଇମିସ): ପାଣି, ଗଛ, ଜଙ୍ଗଲର ସୁରକ୍ଷା ପାଇଁ ଅନ୍ୟମନସ୍କ ହେବାକୁ ପଡ଼ିବ। କେବଳ ନିଜ କଥା ନ ଭାବି ନିଜ ଚତୁଃପାର୍ଶ୍ୱରେ ରହୁଥିବା ମଣିଷଙ୍କ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ଜଳ ସଙ୍କଟ ବିଷୟରେ ଆଜି ସବୁଠି ଆଲୋଚନା ହେଉଛି। ତୃତୀୟ ବିଶ୍ୱଯୁଦ୍ଧ ପାଣି ପାଇଁ ହେବ ବୋଲି ମଧ୍ୟ କୁହାଯାଉଛି। ଏପରିକି କୁହାଯାଏ ଯେ ଦିନେ ପ୍ରଳୟ ଆସିବ, ବାଉଁଶି ପାହାଡରେ ମୀନ ଖେଳିବ। ପ୍ରତ୍ୟେକ ସଙ୍କଟକୁ ଆହ୍ୱାନ ବୋଲି ଭାବିବା ଉଚିତ। ସଙ୍କଟ ହିଁ ସମାଧାନର ରାସ୍ତା ଦେଖାଏ। ୧୯୯୯ ମହାବାତ୍ୟା ପରେ ବାତ୍ୟାକୁ ଯେମିତି ଓଡ଼ିଶା ମୁକାବିଲା କରି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କଲା, ଜଳ ସଙ୍କଟରେ ସେଭଳି ସ୍ଥିତିର ମୁକାବିଲା ମଧ୍ୟ ସମ୍ଭବ ହୋଇ ପାରିବ। ବିଶ୍ୱ ଜଳ ଦିବସ ଅବସରରେ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ବିଜିୟୁ)ରେ ସମ୍ବାଦ ଡିଜିଟାଲ ପକ୍ଷରୁ ଆୟୋଜିତ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମରେ ଏହି ମତ ଦେଇଛନ୍ତି 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ। ସେ କହିଛନ୍ତି, ଓଡ଼ିଶାର ଭୂମି ତଳେ ଯେତିକି ସମ୍ପତ୍ତି ଅଛି, ଭୂମି ଉପରେ ମଧ୍ୟ ସେତିକି ରହିଛି। ତଳେ ଖଣି ଏବଂ ଉପରେ ଘଞ୍ଚ ଅରଣ୍ୟ ରହିଛି। ପାର୍ଶ୍ୱରେ ବହି ଯାଉଛି ୪୮୦ କିଲୋମିଟର ବେଳାଭୂମି। ଏହାର ଉପଯୁକ୍ତ ବିନିଯୋଗ ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ।

## ଜଳ ଦିବସ ଲୋଗୋ ଉନ୍ମୋଚିତ

ସମ୍ବାଦର ମୁଖ୍ୟ ମହାପ୍ରବନ୍ଧକ (ବାର୍ତ୍ତା) ଅରବିନ୍ଦ ଦାସ ଆଗକୁ ତୀବ୍ର ହେବାକୁ ଥିବା ସଙ୍କଟରେ ମୁକାବିଲା ଜରୁରୀ ବୋଲି ପ୍ରାରମ୍ଭିକ ବକ୍ତବ୍ୟରେ କହିଥିଲେ। ବିଜିୟୁ କୁଳସଚିବ ପ୍ରଫେସର ବି.କେ ଦାସ କହିଥିଲେ, ପୂର୍ବରୁ ପାଣି ସୁରକ୍ଷିତ ଥିଲା, ବାହାରର ପାଣି ମଧ୍ୟ ପିଇବା ଯୋଗ୍ୟ ଥିଲା। କିନ୍ତୁ ଆଜି ଘର ପାଣି ମଧ୍ୟ ପିଇବା ସମ୍ଭବ ହେଉ ନାହିଁ। ପାଣିର ଯେଉଁ ଭଳି ସ୍ଥିତି ହେଲାଣି ଏହାକୁ ନେଇ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ପାଣି ସୁରକ୍ଷାରେ ସଚେତନତା ପାଇଁ ବିଦ୍ୟାର୍ଥୀମାନେହିଁ ସର୍ବୋତ୍କୃଷ୍ଟ ମାଧ୍ୟମ ହେବେ। ଏହି ଅବସରରେ ସମ୍ବାଦ ଡିଜିଟାଲ ପକ୍ଷରୁ ବିର୍ଲା ସ୍କୁଲ ବିଦ୍ୟାର୍ଥୀଙ୍କୁ ନେଇ ଅଭିନବ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଜଳ ଦିବସ ଲୋଗୋ ଉନ୍ମୋଚିତ ହୋଇଛି। ଅଧିବେଶନର ଦ୍ୱିତୀୟ ଭାଗରେ ଜଳ ଏବଂ ପରିମଳ ସଙ୍କଟରେ ସମାଧାନ ପାଇଁ ପରିବର୍ତ୍ତନ ବିଷୟକୁ ନେଇ ଆଲୋଚନାଚକ୍ର ହୋଇଥିଲା। କନକ ଡିଜିଟାଲର ବାର୍ତ୍ତା ସମ୍ପାଦକ ରୁଦ୍ର ନାରାୟଣ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆସ୍ତ୍ରା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ଡ. ଶର୍ମିଳା ସୁବ୍ରମଣ୍ୟମ, ଆଇଏମଏମଟିର ଅଧ୍ୟକ୍ଷ ବୈଜ୍ଞାନିକ ଡ. ସୋନୀ ପାଣ୍ଡେ, ଓଡ଼ିଶା ଜଳ ବିରାଦରିର ଆବାହକ ମାନସ ମିଶ୍ର, ମଙ୍ଗଳମ ଟ୍ୟାଙ୍କ ପାଇପ ଏବଂ ସାନିଟାରିର ପରିଚାଳନା ନିର୍ଦ୍ଦେଶକ ରାକେଶ ଗର୍ଗ, ଆକ୍ୱାଇକର ସହପ୍ରତିଷ୍ଠାତା ମାରିଅନ୍ନୁଲ ହକ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜିୟୁର ସହକାରୀ ପ୍ରଫେସର ସିଦ୍ଧାର୍ଥ ମିଶ୍ର ଏବଂ ସମ୍ବାଦ ଡିଜିଟାଲ ଓ ରେଡିଓ ଚକ୍ଲେଟ ମାର୍କେଟିଂ ମୁଖ୍ୟ ଲିଙ୍ଗରାଜ ଲେଙ୍କା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଜିୟୁ ଏନଏସଏସ ବିଭାଗର ଡ. ଶୁଭେନ୍ଦୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଚିନ୍ମୟୀ ହରିଚନ୍ଦନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରମେୟ

THE PRAMEYA

PRINTED AT BHUBANESWAR SAMBALPUR PANIKOLI JEYPORE
RNI REGD NO: ODIODI/2011/37613 - POSTAL REGD NO: BN/26/23-25
ବର୍ଷ ୧୨ | ସଂଖ୍ୟା ୩୧୯ | ଭୁବନେଶ୍ୱର
୨୩ ମାର୍ଚ୍ଚ ୨୦୨୩ | ଗୁରୁବାର

16 PAGES | ₹7.00
VOLUME 12 | ISSUE 319 | BHUBANESWAR
23 MARCH 2023 | THURSDAY

www.prameya.com prameyaodia prameyaodia


# ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ



ଭୁବନେଶ୍ବର,୨୨।୩(ବ୍ୟୁରୋ): ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିର୍ଲା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ବି.କେ ଦାଶ ଯୋଗଦେଇ ଜଳ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବାଦ ମୁଖ୍ୟ ମହାପ୍ରବନ୍ଧକ (ବାର୍ତ୍ତା) ଅରବିନ୍ଦ ଦାଶ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ 'ଜଳ ଏବଂ ପରିମଳ ସଙ୍କଟର ସମାଧାନ ପାଇଁ ପରିବର୍ତ୍ତନ' ସମ୍ପର୍କୀତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆସ୍ଥା ସ୍କୁଲ୍ ଅଫ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଡ. ଶର୍ମିଳା ସୁବ୍ରମଣ୍ୟମ୍, ଆଇଏମ୍‌ଏମ୍‌ଟିର ପ୍ରିନ୍ସିପାଲ ବୈଜ୍ଞାନିକ ଡ. ସୋନୀ ପାଣ୍ଡେ, ଓଡ଼ିଶା ଜଳ ବିରାଦରୀର ଆବାହକ ମାନସ ମିଶ୍ର, ଏକର ରାଇଜ୍ ସହ ପ୍ରତିଷ୍ଠାତା ସେକ ମାଇରାକୁଲ ହକ୍ ଏବଂ ମଙ୍ଗଳମ୍ ଟ୍ୟାଙ୍କ ପାଇପ୍ ଓ ସାନିଟାରୀ ପରିଚାଳନା ନିର୍ଦ୍ଦେଶକ ରାଜେଶ ଗର୍ଗ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବିଭାଗର ଡ. ଶୁଭେନ୍ଦୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଚିନ୍ମୟୀ ହରିଚନ୍ଦନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଲୋଗୋ 'ଲେଟ୍ସ ଆକ୍ସିଲରେଟ ଦ ଚେଞ୍ଜ' ଉନ୍ମୋଚିତ ହୋଇଥିଲା।

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା : ୨୮୧
୨୩ ମାର୍ଚ୍ଚ, ୨୦୨୩ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଇନ୍ଦ୍ରାଣି ପର୍ଯ୍ୟନ୍ତ...

8 Pages
Price ₹ 5.00
Vol. 17, Issue No. : 281
23rd March, 2023 Thursday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

ନୀତି ବାଣୀ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

# ବିଶ୍ୱ ଜଳ ଦିବସ ଅବସରରେ ସମ୍ବାଦ ଡ଼ିଜିଟାଲର ବି-ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଯୋଗିତା ଘୋଷଣା

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ବିଶ୍ୱ ଜଳ ଦିବସରେ ଜଳ ଏବଂ ପରିମଳ ସଙ୍କଟର ସମାଧାନ ପାଇଁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ଜାତିସଂଘ ଆହ୍ୱାନ କରିଛନ୍ତି । ଏହି ବିଷୟକୁ ନେଇ ସମ୍ବାଦ ଡିଜିଟାଲ ତରଫରୁ ବି-ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଅଭିନବ ପ୍ରତିଯୋଗିତା ଆରମ୍ଭ କରାଯାଇଛି । ବିଶ୍ୱ ଜଳ ଦିବସ ଅବସରରେ ଉକ୍ତ କାର୍ଯ୍ୟକ୍ରମର ଲୋଗୋ "ଲେଟ୍ସ ଆକ୍ସିଲରେଟ ଦି ଚେଞ୍ଜ" ଉନ୍ମୋଚିତ ହୋଇଛି । ଭୁବନେଶ୍ୱର ସ୍ଥିତ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ସମସ୍ତେ ନିଜ କଥା ଭାବୁଛନ୍ତି ତେଣୁ ଅନ୍ୟମାନଙ୍କ କଥା ଭାବିବାକୁ ଆମେ ସମୟ ଦେବା ଏବଂ ଆହ୍ୱାନ ଦେଇଥିଲେ ଆସନ୍ତୁ ପରିବେଶ କଥା ଭାବିବା ଓ ଏହାର ସୁରକ୍ଷା ପାଇଁ ସହାୟତା କରିବା । ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ବି. କେ. ଦାଶ କ'ଣ ପାଇଁ ଜଳଦିବସ ପାଳନ କରାଯାଏ ତାହାର ଆଲୋକପାତ କରିଥିଲେ । ଏହି ଅବସରରେ ସମ୍ବାଦ ମୁଖ୍ୟ ମହାପ୍ରବନ୍ଧକ (ବାର୍ତ୍ତା) ଅରବିନ୍ଦ ଦାଶ ସମ୍ବାଦ ଡିଜିଟାଲ ତରଫରୁ ବି-ସ୍କୁଲର ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ କରାଯାଉଥିବା ୩ଟି ପ୍ରତିଯୋଗିତା ଯଥା ପାୱାର ପଏଂଟ, ପୋଷ୍ଟର ଓ ଭିଡିଓ ବିଷୟରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମ ଦ୍ୱିତୀୟ ଭାଗରେ "ଜଳ ଏବଂ ପରିମଳ ସଙ୍କଟର ସମାଧାନ ପାଇଁ ପରିବର୍ତ୍ତନ" ବିଷୟକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଂଟର ଅଧ୍ୟକ୍ଷ ଡ଼ା ଶର୍ମିଳା ସୁବ୍ରମଣ୍ୟମ୍,ଆଇଏମ୍ଏମଟିର ପ୍ରିନ୍ସିପାଲ ସାଇଂଟିଷ୍ଟ ଡ଼ା ସୋନା ପାଣ୍ଡେ, ଓଡ଼ିଶା ଜଳ ବିରାଦରୀର ଆବାହକ ମାନସ ମିଶ୍ର, ଏକର ରାଇଜ୍ ସହ ପ୍ରତିଷ୍ଠାତା ସେକ୍ ମାହାରାବୁଲ ହକ୍ ଏବଂ ମଙ୍ଗଳମ୍ ଟ୍ୟୋଙ୍କ ପାଇପ୍ ଓ ସାନିଟାରୀ ପରିଚାଳନା ନିର୍ଦ୍ଦେଶକ ରାଜେଶ ଗର୍ଗ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । ଆଲୋଚନାର ନିଷ୍କର୍ଷ ରହିଥିଲା, ଗୋଟିଏ ନିରନ୍ତର ଜଳ ସୁପରିଚାଳନା ବ୍ୟବସ୍ଥା ବନାଇବାକୁ ହେଲେ, ଏକ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି । ସାମାଜିକ, ଆର୍ଥିକ ଓ ପରିବେଶର ଆବଶ୍ୟକତାକୁ ବୁଝି ଏହି ପ୍ରକ୍ରିୟାରେ ସାମିଲ ଥିବା ପ୍ରତ୍ୟେକ ଅଂଶୀଦାର ସାଧାରଣ ଲୋକ, ଗୋଷ୍ଠୀ ସମୂହ, ସରକାର ଓ ଉଦ୍ୟୋଗ ଜଗତକୁ ଉତ୍ତରଦାୟିତ୍ୱ ନେବାକୁ ପଡ଼ିବ । ପରିବର୍ତ୍ତନକୁ କ୍ରିୟାଶୀଳ କରିବା ପାଇଁ ଏକ ଚିନ୍ତାଧାରାର ପରିବର୍ତ୍ତନର ଆବଶ୍ୟକତା ରହିଛି, ଆମକୁ ଜଳର ଧର୍ମକୁ ବୁଝିବାକୁ ହେବ । ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ ଜନକ ନ୍ୟୁଜ୍ ଡିଜିଟାଲ ମୁଖ୍ୟ ରୁଦ୍ର ନାରାୟଣ ଦାସ । ବିଜିୟୁ ସହକାରୀ ପ୍ରଫେସର ସିଦ୍ଧାର୍ଥ ମିଶ୍ର ଓ ସମ୍ବାଦ ଡିଜିଟାଲ ଓ ରେଡ଼ିଓ ଚକୋଲେଟ ମାର୍କେଟିଂ ମୁଖ୍ୟ ଲିଙ୍ଗରାଜ ଲେଙ୍କା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବାଲେଶ୍ୱର ସ୍ଥିତ ମନୋହରଲାଲ୍ ପାଲା ଜୁଏଲର୍ସର ନିର୍ଦ୍ଦେଶକ ରାକେଶ ପାଲା ଉପସ୍ଥିତ ଥିଲେ । ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବିଭାଗ ଡ଼ା ଶୁଭେନ୍ଦୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଚିନ୍ମୟୀ ହରିଚନ୍ଦନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

